# NATIONAL NEWS BULLETIN (ODIA)
## 12 November - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ; କହିଲେ ପ୍ରଧାନମନ୍ତ୍ରୀ

– ଆହତଙ୍କୁ ହସ୍ପିଟାଲରେ ଭେଟି କଲେ ଆଶୁଆରୋଗ୍ୟ କାମନା

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବୋସ୍ୱାନା ରାଷ୍ଟ୍ରପତିଙ୍କ ସହ କଲେ ଦ୍ୱିପାକ୍ଷିକ ଆଲୋଚନା
- ଦେଶରେ ୪୮୫ କୋଟି ଟଙ୍କା ପୁଞ୍ଜିନିବେଶରେ ୪ଟି ହାଇଡ୍ରୋଜେନ୍ ଭ୍ୟାଲି ବିକାଶ କରାଯାଉଛି; କହିଲେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଏବଂ

- ନୂଆଦିଲ୍ଲୀର ଆକାଶବାଣୀ ଭବନରେ ଆଜି ପାଳନ କରାଯାଇଛି ଲୋକସେବା ପ୍ରସାରଣ ଦିବସ

# ପିଏମ୍ ଏଲ୍ଏନ୍‌ଜେପି ହସ୍ପିଟାଲ

ଦିଲ୍ଲୀ ବିସ୍ଫୋରଣ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଲୋକନାୟକ ଜୟ ପ୍ରକାଶ ନାରାୟଣ ହସ୍ପିଟାଲରେ ଆହତ ବ୍ୟକ୍ତିଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି।  ଶ୍ରୀ ମୋଦି ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁଇ ଦିନିଆ ଭୁଟାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଦିଲ୍ଲୀରେ ଅବତରଣ କରିବା ପରେ ତୁରନ୍ତ ହସ୍ପିଟାଲରେ ପହଞ୍ଚିଥିଲେ। ଡାକ୍ତର ଓ ହସ୍ପିଟାଲର ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ସବିଶେଷ ସୂଚନା ଦେଇଥିଲେ।

# ପିଏମ୍-ଭୁଟାନ୍

ଦୁଇଦିନିଆ ଭୁଟାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।ଭୁଟାନ ରାଜା ଜିଗ୍‌ମେ ଖେସର ନାମ୍‌ଗେନ୍ ଓ୍ୱାଙ୍ଗଚୁକ୍‌ଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ଦୁଇଦିନିଆ ଭୁଟାନ ଗସ୍ତ କରିଥିଲେ। ଥିମ୍ପୁଠାରେ ପ୍ରଧାନମନ୍ତ୍ରୀ ମୋଦୀ  ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ଓ୍ୱାଙ୍ଗଚୁକ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ଏବଂ ପାରସ୍ପରିକ ସ୍ୱାର୍ଥ ଜଡ଼ିତ ପ୍ରସଙ୍ଗ ଗୁଡ଼ିକ ଉପରେ କଥାବାର୍ତ୍ତା କରିଛନ୍ତି। ଥିମ୍ପୁଠାରେ ଚାଲିଥିବା ବିଶ୍ୱଶାନ୍ତି

ପ୍ରାର୍ଥନା ମହୋତ୍ସବର ଅଂଶ ସ୍ୱରୂପ ଚାଙ୍ଗଲି ମିଥାଙ୍ଗ ଷ୍ଟାଡିୟମରେ କାଳଚକ୍ର ଦୀକ୍ଷା ସମାରୋହରେ ମଧ୍ୟ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ ।

## ବୋତ୍ସ୍ୱାନା ବାଇଲେଟେରିଆଲସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗାବୋରୋନ୍‌ରେ ବୋତ୍ସ୍ୱାନାର ରାଷ୍ଟ୍ରପତି ଡୁମା ବୋକୋଙ୍କ ସହ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ବାଣିଜ୍ୟ ଉଭୟ ନେତା ଓ ନିବେଶ, କୃଷି, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ଖଣି, ଦକ୍ଷତା ଏବଂ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାରେ ସହଯୋଗ ବିସ୍ତାର କରିବାକୁ ସହମତ ହୋଇଛନ୍ତି।

ସ୍ୱାସ୍ଥ୍ୟସେବା ଏବଂ ଔଷଧ ଶିଳ୍ପ କ୍ଷେତ୍ରରେ ସହଯୋଗ ପାଇଁ ଉଭୟ ପକ୍ଷ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୋତ୍ସ୍ୱାନାକୁ ଏ.ଆର୍.ଭି ଔଷଧ ପଠାଇବା ପାଇଁ ଭାରତର ନିଷ୍ପତ୍ତି ଘୋଷଣା କରିଛନ୍ତି। HIV ସଂକ୍ରମଣର ଚିକିତ୍ସା ପାଇଁ ଆଣ୍ଟି-ରେଟ୍ରୋଭାଇରାଲ୍ ଔଷଧ ବ୍ୟବହୃତ ହୁଏ। ରାଷ୍ଟ୍ରପତି ଡୁମା ବୋକୋ କହିଛନ୍ତି, ଭାରତ ଔଷଧ ଶିଳ୍ପ, ବିଶେଷକରି ଜେନେରିକ୍ ଔଷଧର ଏକ ଅଗ୍ରଣୀ ନିର୍ମାତା। ଏହି ବୁଝାମଣାପତ୍ର ବୋତ୍ସ୍ୱାନାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହ ଗୁଣାତ୍ମକ ସୁଲଭ ଔଷଧ ପାଇବା ସୁଗମ ହେବ। ଶ୍ରୀ ବୋକୋ ଏ.ଆର୍.ଭି. ଔଷଧ ପ୍ରଦାନ ପାଇଁ ଭାରତକୁ ଧନ୍ୟବାଦ ଜଣାଇଥିଲେ।

ଏହି ଅବସରରେ ପ୍ରୋଜେକ୍ଟ ଚିତା ବାଘ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ମଧ୍ୟ କରାଯାଇଥିଲା। ଚିତା ବାଘ ବିଲୁପ୍ତ ହେବାର ଦଶନ୍ଧି ପରେ ବିଦେଶରୁ ଭାରତକୁ ଚିତା ଅଣାଯିବା କାର୍ଯ୍ୟକ୍ରମ ଏକ ଅନନ୍ୟ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ଅଧୀନରେ ବୋସ୍ୱାନା ଭାରତକୁ ୮ଟି ଚିତା ଦେବ ବୋଲି ଘୋଷଣା କରିଛି। ଆସନ୍ତାକାଲି ବୋସ୍ୱାନାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଉପସ୍ଥିତିରେ ପ୍ରତୀକାତ୍ମକ ଭାବରେ ଚିତା ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ରାଷ୍ଟ୍ରପତି ଡୁମା ବୋକୋ ତାଙ୍କ ଦେଶର ଅଭିବୃଦ୍ଧିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ଦୃଢ଼ ସହଯୋଗ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ବଞ୍ଚିବାର ଅଧିକାର ଓ ପେଟେଣ୍ଟ ସମ୍ପର୍କିତ ଭାରତର ଐତିହାସିକ ରାୟ ବୋସ୍ୱାନାର ନ୍ୟାୟିକ ବ୍ୟବସ୍ଥା ପାଇଁ ମଧ୍ୟ ପ୍ରାସଙ୍ଗିକତା ରଖୁଛି। ଭାରତର ଡିଜିଟାଲ ରୂପାନ୍ତରଣକୁ ଏକ ପ୍ରେରଣା ବୋଲି ଅଭିହିତ କରି ରାଷ୍ଟ୍ରପତି ଶ୍ରୀ ବୋକୋ କହିଛନ୍ତି, ଭାରତର ୧୪୦ କୋଟି ଲୋକଙ୍କୁ ସଫଳ ଡିଜିଟାଲ ସେବା ମିଳୁଥିବାରୁ ବୋସ୍ୱାନା ମଧ୍ୟ ନିଜସ୍ୱ ଡିଜିଟାଲ ଯାତ୍ରା ପାଇଁ ଶିକ୍ଷାଲାଭ କରୁଛି। ସେ ଭାରତର ଗ୍ଲୋବାଲ୍ ସାଉଥ୍ ଚିନ୍ତାଧାରା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନ୍ତର୍ଜାତୀୟ ସୌର ଆଲାୟନ୍ସ ଭଳି ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଛନ୍ତି।

## ଗୋଏଲ-ସାଉଦିଆରବ

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଆଜି ନୂଆଦିଲ୍ଲୀରେ ସାଉଦି ଆରବର ପୁଞ୍ଜିନିବେଶ ମନ୍ତ୍ରୀ ଖାଲିଦ ଏ. ଅଲ୍-ଫଲିହ ଏବଂ ତାଙ୍କ ପ୍ରତିନିଧିମଣ୍ଡଳକୁ ଭେଟିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ଗୋୟଲ କହିଛନ୍ତି, ଭାରତ-ସାଉଦି ଆରବର ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା, ପ୍ରଯୁକ୍ତି, ଶକ୍ତି, ଭିତ୍ତିଭୂମି ଏବଂ ଷ୍ଟାର୍ଟଅପ୍ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ବାଣିଜ୍ୟ ଏବଂ ନିବେଶକୁ ଆଗକୁ ବଢାଇବା ପାଇଁ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି, ଭାରତ ଏବଂ ସାଉଦି ଆରବ ମଧ୍ୟରେ ସହଭାଗୀତା ପାରସ୍ପରିକ ବିଶ୍ୱାସ ଏବଂ ସମୃଦ୍ଧି ଉପରେ ବୃଦ୍ଧି ପାଉଛି।

## ଜିତେନ୍ଦ୍ର ସିଂହ- କନଫରେନ୍ସ

ଦେଶ ସମ୍ପୂର୍ଣ୍ଣ ହାଇଡ୍ରୋଜେନ୍ ଶୃଙ୍ଖଳ ପ୍ରଦର୍ଶନ କରିବା ପାଇଁ ୪୮୫ କୋଟି ଟଙ୍କା ପୁଞ୍ଜିନିବେଶ ସହିତ ସାରା ଦେଶରେ ଚାରୋଟି ହାଇଡ୍ରୋଜେନ୍ ଭ୍ୟାଲି ବିକଶିତ କରାଯାଉଥିବା କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି। ନୂଆଦିଲ୍ଲୀରେ ଆଜି ସବୁଜ ହାଇଡ୍ରୋଜେନ୍ ଉପରେ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀରେ ଉଦବୋଧନ ଦେଇ ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି, ବିଶ୍ୱରେ ହାଇଡ୍ରୋଜେନ୍ ଅର୍ଥନୀତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଅଭିଯାନରେ

ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର। ଡକ୍ଟର ସିଂହ କହିଛନ୍ତି, ସ୍ୱଚ୍ଛ ଶକ୍ତି ଆଉ ପରିବେଶ ପ୍ରସଙ୍ଗ କେବଳ ଏକ ପସନ୍ଦର ବିଷୟ ନୁହେଁ, ଦେଶର ଅଭିବୃଦ୍ଧି ପାଇଁ ଏହା ଅତ୍ୟନ୍ତ ଜରୁରୀ। ସେ କହିଛନ୍ତି, ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଭାରତର ଅଭିଯାନରେ ସରକାର, ଶିକ୍ଷାନୁଷ୍ଠାନ, ବିଶେଷଜ୍ଞମାନଙ୍କ ସହଯୋଗ ରହିଛି। ମନ୍ତ୍ରୀ କହିଛନ୍ତି, ଦେଶ ସବୁଜ ଶକ୍ତି କ୍ଷେତ୍ରରେ କେବଳ ଜ୍ଞାନକୌଶଳକୁ ଆପଣାଇବ ନାହିଁ ବରଂ ଏ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଆବିଷ୍କାର କରି ଦୃଢ଼ତାର ସହିତ ଲକ୍ଷ୍ୟ ହାସଲ କରିବ। ନିକଟରେ ଆରମ୍ଭ କରାଯାଇଥିବା ବିକାଶ ଓ ନବସୃଜନ ଯୋଜନା–ଆର୍.ଡି.ଆଇ. ପାଇଁ ୧ କୋଟି ଟଙ୍କା ପାଣ୍ଠି ବିକଶିତ କରାଯାଇଛି। ଏହା ଦେଶରେ ସବୁଜ ଶକ୍ତି ନବସୃଜନକୁ ତ୍ୱରାନ୍ୱିତ କରିବ।

## ଫାଇନାନସିଆଲ ସର୍ଭିସ- ପୋର୍ଟାଲ

ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥ ସେବା ବିଭାଗ ଆଜି ନୂଆଦିଲ୍ଲୀରେ ଜନସମ୍ମର୍ଥ ପୋର୍ଟାଲରେ ଷ୍ଟାର୍ଟ-ଅପ୍‌ଗୁଡ଼ିକ ପାଇଁ କମନ୍ ଆପ୍ଲିକେଶନ ସେବା ଆରମ୍ଭ କରିଛି। ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗରାଜୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଏକ ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ଏହି ପୋର୍ଟାଲ୍ ଶୁଭାରମ୍ଭ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ କହିଛି, ଏହି ପୋର୍ଟାଲ୍ ସମସ୍ତ ଷ୍ଟାର୍ଟଅପକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ ଋଣ ନେବା

ପାଇଁ ଗୋଟିଏ ପ୍ଲାଟଫର୍ମ ପ୍ରଦାନ କରୁଛି। ଏହା ମାଧ୍ୟମରେ ଷ୍ଟାର୍ଟ-ଅପ୍ ସଂସ୍ଥା ସହଜରେ ବ୍ୟାଙ୍କଗୁଡ଼ିକୁ ଋଣ ପାଇଁ ଆବେଦନ କରିପାରିବେ।

# ସିଏସ୍ଆଇଆର୍-ଏମ୍ଓୟୁ

ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ–CSIR ଆଜି CSIR'ର ଗବେଷଣା ଓ ବିକାଶ କୁଶଳତାକୁ ବୃଦ୍ଧି କରିବା ପାଇଁ ଏକ ଖସଡ଼ା ପ୍ରସ୍ତୁତ ସକାଶେ ଜାତୀୟ ଶିଳ୍ପ କରିଡର ବିକାଶ ନିଗମ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ସହଭାଗିତା ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଭଳି ଜାତୀୟ ପଦକ୍ଷେପ ସହିତ ସମନ୍ୱୟ ରକ୍ଷା କରି ଆତ୍ମନିର୍ଭରଶୀଳ, ନବସୃଜନ ନେତୃତ୍ୱାଧୀନ ଶିଳ୍ପ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବ। ଏହି ସହଯୋଗ ଶିଳ୍ପ-ଶିକ୍ଷାକ୍ଷେତ୍ର-ଗବେଷଣା ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଉଚ୍ଚ-ପ୍ରଯୁକ୍ତି ସମ୍ପନ୍ନ ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସ୍ମାର୍ଟ ସିଟିଗୁଡ଼ିକରେ ଗବେଷଣା ଏବଂ ବିକାଶ କେନ୍ଦ୍ର, ଶିଳ୍ପ ଇନକ୍ୟୁବେଟର ଏବଂ ନବସୃଜନ କେନ୍ଦ୍ର ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବ। ଏହା ଜୈବ ପ୍ରଯୁକ୍ତିବିଦ୍ୟା, ନବୀକରଣୀୟ ଶକ୍ତି, ଔଷଧ, ଚିକିତ୍ସା ଉପକରଣ ଏବଂ ମହାକାଶ ସମେତ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଉତ୍ପାଦକତା, ଦକ୍ଷତା ଏବଂ ପରିବେଶଗତ ସ୍ଥାୟିତ୍ୱକୁ ଦୃଢ଼

କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ଚିହ୍ନଟ, ଗ୍ରହଣ ଏବଂ ନିୟୋଜିତ କରିବାରେ ସାହାଯ୍ୟ କରିବ ।

# ବ୍ରଡ୍‌କାଷ୍ଟିଂ ଡେ ସେଲିବ୍ରେସନ୍-ଆକାଶବାଣୀ

ନୂଆଦିଲ୍ଲୀର ଆକାଶବାଣୀ ଭବନରେ ଆଜି ଲୋକସେବା ପ୍ରସାରଣ ଦିବସ ପାଳନ କରାଯାଇଛି । ପ୍ରସାର ଭାରତୀର ଅଧ୍ୟକ୍ଷ ନବନୀତ କୁମାର ସେହଗଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଅନେକ କଳାକାର ଏକାଠି ହୋଇ 'ବାପୁ' ଷ୍ଟୁଡିଓରେ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭକ୍ତିଗୀତ ଗାନ କରିଥିଲେ । ଦେଶ ବିଭାଜନ ପରେ ହରିୟାଣାର କୁରୁକ୍ଷେତ୍ରରେ ଅସ୍ଥାୟୀଭାବେ ବସବାସ କରୁଥିବା ବିସ୍ଥାପିତ ଲୋକମାନଙ୍କୁ ସିଧାସଳଖ ସାକ୍ଷାତ କରିନପାରି ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଦିନ ଦିଲ୍ଲୀ ଆକାଶବାଣୀ କେନ୍ଦ୍ରରୁ ରେଡ଼ିଓ ବାର୍ତ୍ତା ମାଧ୍ୟମରେ ସମ୍ବୋଧିତ କରିଥିଲେ । ୧୯୪୭ ମସିହା ଆଜିର ଦିନରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆକାଶବାଣୀ ମାଧ୍ୟମରେ ଐତିହାସିକ ଭାଷଣକୁ ସମ୍ମାନ ଦିଆଯାଇ ପ୍ରତିବର୍ଷ ଲୋକସେବା ପ୍ରସାରଣ ଦିବସ ପାଳନ କରାଯାଇଆସୁଛି ।

**V/O- Mahamta Gandhi**

୨୦୦୦ ମସିହାରେ ତତ୍କାଳୀନ  ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ସୁଷମା ସ୍ୱରାଜ ଏହି ବିଶେଷ ଦିନକୁ ଲୋକସେବା ପ୍ରସାରଣ ଦିବସ ଭାବରେ

ପାଳନ କରିବା ନେଇ ଘୋଷଣା କରିଥିଲେ। ସେବେଠାରୁ ଆକାଶବାଣୀ ପ୍ରତିବର୍ଷ ସ୍ୱତନ୍ତ୍ର କାର୍ଯ୍ୟକ୍ରମାନ ପାଳନ କରିଆସୁଅଛି।

## ବାଲ୍ ପୁରସ୍କାର

ସାହିତ୍ୟ ଏକାଡେମୀ-ବାଲ ସାହିତ୍ୟ ପୁରସ୍କାର ୨୦୨୫ ଚଳିତ ମାସ ୧୪ ତାରିଖରେ ନୂଆଦିଲ୍ଲୀରେ ପ୍ରଦାନ କରାଯିବ। ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ ଶିଶୁ ସାହିତ୍ୟରେ କ୍ଷେତ୍ରରେ ଏହି ବାର୍ଷିକ ପୁରସ୍କାର ପ୍ରଦାନ କରିବେ। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମନୋନୀତ ହୋଇଥିବା ଲେଖକମାନଙ୍କୁ କାଂସ୍ୟ ଫଳକ ସହିତ ପଚାଶ ହଜାର ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରାଯିବ। ହିନ୍ଦୀ ସାହିତ୍ୟରେ ପାଇଁ ସୁଶୀଳ ଶୁକ୍ଲାଙ୍କୁ ପୁରସ୍କାର ପ୍ରଦାନ କରାଯିବାକୁ ଥିବାବେଳେ ଇଂରାଜୀ ଭାଷାରେ ଶିଶୁ ସାହିତ୍ୟ ପାଇଁ ନୀତିନ କୁଶଲପ୍ପାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।